# NATIONAL NEWS BULLETIN (ODIA)

## 25 July - 2025

## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଭାରତର ପଡ଼ୋଶୀ ପ୍ରଥମ ନୀତି ଓ ସାଗର ଭିଜନ୍ ଅଧୀନରେ ମାଳଦୀପର ରହିଛି ଏକ ସ୍ୱତନ୍ତ୍ର ସ୍ଥାନ, କହିଲେ ପ୍ରଧାନମନ୍ତ୍ରୀ ।
- ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହର କାର୍ଯ୍ୟ ଆଜି ବାଧାପ୍ରାପ୍ତ ।
- ବିକଶିତ କୃଷି ସଂକଳ୍ପ ଅଭିଯାନ ଅଧୀନରେ ପ୍ରଥମଥର ଲାଗି ୨ହଜାରରୁ ଅଧିକ ବୈଜ୍ଞାନିକଙ୍କ ଦଳ ଦେଶବ୍ୟାପି ୭ ହଜାର ୯୦୦ରୁ ଊର୍ଦ୍ଧ୍ୱ ଗ୍ରାମ କରିଛନ୍ତି ପରିଦର୍ଶନ ।
- ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ **G-20** ବିକଶିତ ମନ୍ତ୍ରୀ ସ୍ତରୀୟ ବୈଠକରେ ସମାବେଶୀ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଭାରତର ଗୁରୁତ୍ୱାରୋପ ।

ଏବଂ

- ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ଆଜି ତୃତୀୟ ଦିନରେ ଇଂଲଣ୍ଡର ପ୍ରଥମ ଇନିଂସ ବ୍ୟାଟିଂ ଜାରି ।

# ପିଏମ୍-ମାଲଦୀପ

ଭାରତ-ମାଲଦୀପ ମଧ୍ୟରେ ଆଜି ମାଲେ ସ୍ଥିତ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଠାରେ ଦ୍ୱିପକ୍ଷିୟ ପ୍ରତିନିଧି ସ୍ତରୀୟ କଥାବାର୍ତ୍ତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ମଣ୍ଡଳରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।  ମାଲଦୀପ ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେଇଥିଲେ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜୁ । ବ୍ୟାପକ ଅର୍ଥନୈତିକ ଓ ସାମୁଦ୍ରିକ ସୁରକ୍ଷା ସହଭାଗିତା ଲାଗି ଉଭୟ ଦେଶ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ମଧ୍ୟ ଏହି ଆଲୋଚନାରେ ସମୀକ୍ଷା କରାଯାଇଛି । ଏହି ପ୍ରତିନିଧି ସ୍ତରୀୟ କଥାବାର୍ତ୍ତା ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମୁଇଜୁଙ୍କ ମଧ୍ୟରେ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପକ୍ଷିୟ ଆଲୋଚନା ଅନୁଷ୍ଠିତ ହୋଇଯାଇଛି ।

ଏହି ଅବସରରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ସହିତ ଭାଗିଦାରୀକୁ ସଶକ୍ତ କରିବା ଉଦ୍ଦେଶ୍ୟରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପରେ ଶ୍ରୀ ମୋଦୀ ମାଲଦୀପର ରାଷ୍ଟ୍ରପତି ଡକ୍ଟର ମୁଇଜୁଙ୍କ ସହିତ ଏକ ମିଳିତ

ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଭାରତୀୟଙ୍କ ପକ୍ଷରୁ ମାଳଦୀପ ବାସୀଙ୍କୁ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ଦୁଇ ଦେଶ ମଧ୍ୟରେ ରାଜନୈତିକ ସମ୍ପର୍କର ୬୦ ବର୍ଷ ପୂର୍ତ୍ତି ପାଳନ କରାଯାଉଛି । ଭାରତର ପଡ଼ୋଶୀ ପ୍ରଥମ ନୀତି ଏବଂ ସାଗର ଭିଜନ୍ ଅଧୀନରେ ମାଳଦୀପକୁ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।  ଭାରତ-ମାଳଦୀପ ବନ୍ଧୁତା ଆଗାମୀ ଦିନରେ ବିକାଶର ନୂତନ ଶିଖର ସ୍ପର୍ଶ କରିବ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି ।

## V/O-PM-MODI-ON-HELP

ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମାଲେରେ ପହଞ୍ଚିବା ପରେ ବିମାନ ବନ୍ଦରରେ ରାଷ୍ଟ୍ରପତି ଡକ୍ଟର ମୁଇଜୁ ତାଙ୍କୁ ସ୍ୱାଗତ କରିଥିଲେ । ମାଲେ ସ୍ଥିତ ରିପବ୍ଲିକ୍ ସ୍କୋୟାର୍ ଠାରେ ଶ୍ରୀ ମୋଦୀଙ୍କୁ ଗାର୍ଡ୍ ଅଫ୍ ଅନର ପ୍ରଦାନ କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମାଲେର ଭେଲାନା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମାଳଦୀପ ନାଗରିକମାନେ ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନ ସହ ସ୍ୱାଗତ କରିଥିଲେ । ବହୁସଂଖ୍ୟାରେ ପ୍ରବାସୀ ଭାରତୀୟମାନେ ମଧ୍ୟ ବିମାନ ବନ୍ଦର ବାହାରେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜଣାଇଥିଲେ । ଭାରତର କୁନିକୁନି ପିଲାମାନେ ଛଉ ନୃତ୍ୟ ପ୍ରଦର୍ଶନ କରିଥିଲେ ।

## ପାର୍ଲାମେଣ୍ଟ ଆଡଜର୍ଣ୍ଣ

ବିଭିନ୍ନ ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହକୁ ଆଜି ମୁଲତବୀ ରଖାଯାଇଛି । ଲୋକସଭାରେ ପ୍ରଥମ ମୁଲତବୀ ଅବଧି ଅପରାହ୍ଣ ୨ଟା ଶେଷ ହେବା ପରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟମାନେ ପୁନର୍ବାର ବାଧା ସୃଷ୍ଟି କରିଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା ବିଜେପି ସାଂସଦ ଜଗଦମ୍ବିକା ପାଲ୍ ନିଜ ନିଜ ଆସନକୁ ଫେରିଯିବା ଲାଗି ବିରୋଧୀ ସଦସ୍ୟଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଅନ୍ୟ ପକ୍ଷରେ କେନ୍ଦ୍ର ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ଅନୁସୂଚୀତ ଜନଜାତି ବର୍ଗର ଲୋକଙ୍କ ସ୍ୱାର୍ଥ ଲାଗି ଉଦ୍ଦିଷ୍ଟ ଏକ ବିଲ୍ ଉପରେ ଗୃହରେ ଆଲୋଚନା କରିବା ଲାଗି ଅନୁମତି ମାଗିଥିଲେ । ମାତ୍ର ବିରୋଧୀ ଦଳ ସାଂସଦମାନଙ୍କର ହଟ୍ଟଗୋଳ ଯୋଗୁଁ ଗୃହ କାର୍ଯ୍ୟ ଚଳାଇବା ସମ୍ଭବପର ହୋଇନଥିଲା । ଅଧ୍ୟକ୍ଷତା କରୁଥିବା ବିଜେପି ସାଂସଦ ଜଗଦମ୍ବିକା ପାଲ୍ ଗୃହକୁ ଆଜି ପାଇଁ ମୁଲତବୀ ରଖିଥିଲେ ।

ଆଜି ପୂର୍ବାହ୍ନ ୧୧ଟାରେ ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କାର୍ଗିଲ୍ ବିଜୟ ଦିବସର ୨୬ତମ ବାର୍ଷିକୀ ପାଳନ ଅବ୍ୟବହିତ

ପୂର୍ବରୁ  ଗୃହ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଦେଶ ପାଇଁ ବଳିଦାନ ଦେଇଥିବା ଭାରତୀୟ ସେନା ବାହିନୀର ଯୋଦ୍ଧା ଯବାନମାନଙ୍କୁ ସ୍ମରଣ କରିଥିଲେ । କାର୍ଗିଲ୍‌ରୁ ଶତ୍ରୁପକ୍ଷକୁ ନିପାତ କରି ପ୍ରତିକୂଳ ପାଗ ସତ୍ତ୍ୱେ ଯୁଦ୍ଧ ଅଭିଯାନ ଜାରି ରଖିବାରେ ଭାରତୀୟ ସେନାର ବୀରତ୍ୱକୁ ଲୋକସଭାରେ ପ୍ରଶଂସା କରାଯାଇଥିଲା । ଗୃହ ପକ୍ଷରୁ ଶହୀଦ ଯବାନମାନଙ୍କ ପ୍ରତି ସମ୍ମାନ ସ୍ୱରୂପ ସଦସ୍ୟମାନେ ନିରବ ପ୍ରାର୍ଥନା କରିଥିଲେ ।

ରାଜ୍ୟସଭାରେ ମଧ୍ୟ ଆଜି ଅନୁରୂପ ସ୍ଥିତି ପରିଲକ୍ଷିତ ହୋଇଥିଲା । ଏହି ହଟ୍ଟଗୋଳ ମଧ୍ୟରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ରଖିଥିଲେ । ପରେ ଗୃହକୁ ଆଜି ପାଇଁ ମୁଲତବୀ ରଖାଯାଇଥିଲା ।

ଅନ୍ୟ ପକ୍ଷରେ ଚଳିତ ମୌସୁମୀ ଅଧିବେଶନରେ ଲୋକସଭା କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ କରାଇବା ଲାଗି ବାଚସ୍ପତି ଓମ୍ ବିର୍ଲା ଆଜି ସମସ୍ତ ଦଳର ନେତୃବୃନ୍ଦଙ୍କ ସହ ଏକ ବୈଠକ କରିଥିଲେ । ଆସନ୍ତା ସୋମବାର ଠାରୁ ଗୃହ କାର୍ଯ୍ୟକୁ ବିନା ବାଧାରେ ସମ୍ପନ୍ନ କରିବା ଲାଗି ଏହି ବୈଠକରେ ସହମତି ପ୍ରକାଶ ପାଇଛି । ଏହା ଦ୍ୱାରା ପ୍ରଶ୍ନକାଳର ସଦ୍‌ଉପଯୋଗ କରାଯାଇ ବିଭିନ୍ନ ସାଂସଦମାନଙ୍କର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରାଯିବା ଉପରେ ବାଚସ୍ପତି ଶ୍ରୀ ବିର୍ଲା ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକରେ ବିଜେପି, କଂଗ୍ରେସ, ସମାଜବାଦୀ ପାର୍ଟି, ଜନତାଦଳ ସଂଯୁକ୍ତ ଏବଂ ତୃଣମୂଳ କଂଗ୍ରେସର ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ ।

## ଶିବରାଜ ସିଂହ  ଚୌହାନ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ବିକଶିତ କୃଷି ସଂକଳ୍ପ ଅଭିଯାନ ଅଧୀନରେ ପ୍ରଥମଥର ଲାଗି ୨ହଜାରରୁ ଅଧିକ ବୈଜ୍ଞାନିକଙ୍କ ଦଳ ଦେଶବ୍ୟାପି ୭ ହଜାର ୯୦୦ରୁ ଊର୍ଦ୍ଧ୍ୱ ଗ୍ରାମ ପରିଦର୍ଶନ କରିଛନ୍ତି । ଏହି ଅବସରରେ ବୈଜ୍ଞାନିକମାନେ ପ୍ରତ୍ୟେକ ଗ୍ରାମରୁ କୃଷି ପାଣିପାଗ ସ୍ଥିତି ସମ୍ପର୍କିତ ବିସ୍ତୃତ ବିବରଣୀ ସଂଗ୍ରହ କରିଛନ୍ତି ।  ଏହାଛଡ଼ା ମୃତ୍ତିକା ପୁଷ୍ଟିଗତ ଉପାଦାନ, ଆବଶ୍ୟକୀୟ ବିହନ କିସମ ଏବଂ ଆଧୁନିକ ପ୍ରଣାଳୀରେ ଚାଷ ପ୍ରଣାଳୀ ସମ୍ପର୍କରେ ଏହି ବୈଜ୍ଞାନିକମାନେ କୃଷକମାନଙ୍କୁ ଅବଗତ କରାଇଛନ୍ତି । ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଚୌହାନ ଏହି ସୂଚନା ଦେଇଛନ୍ତି ।

## ଏମ୍‌ଓଏସ୍ ସାଉଥ୍ ଆଫ୍ରିକା

ଦକ୍ଷିଣ ଆଫ୍ରିକାର ପୁମାଲାଙ୍ଗା ଠାରେ ଅନୁଷ୍ଠିତ ଜି-ଟ୍ୱେଣ୍ଟି ବିକଶିତ ମନ୍ତ୍ରୀସ୍ତରୀୟ ବୈଠକରେ ବୈଦେଶିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ପବିତ୍ର ମାର୍ଘେରିଟା ଯୋଗ ଦେଇଛନ୍ତି । ବେଆଇନ୍ ଆର୍ଥିକ କାରବାର ଏବଂ ସାମାଜିକ ସୁରକ୍ଷା ସମ୍ପର୍କିତ ଏହି ବୈଠକରେ ଅଂଶଗ୍ରହଣ କରି ଶ୍ରୀ ମାର୍ଘେରିଟା ସମସ୍ତଙ୍କ ଲାଗି  ସମାବେଶୀ ସାମାଜିକ ସୁରକ୍ଷା ସୁନିଶ୍ଚିତ

କରିବା ଦିଗରେ ଭାରତର ପ୍ରମୁଖ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି । ଏହି ଅବସରରେ ଶ୍ରୀ ମାର୍ଘେରିଟା ଦକ୍ଷିଣ ଆଫ୍ରିକାର ମନ୍ତ୍ରୀ ଏମ୍. ରାମୋକ୍‌ଗୋପାଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପକ୍ଷିୟ ଆଲୋଚନା କରିଛନ୍ତି । ଏହି ଅଧିବେଶନରେ ଦକ୍ଷିଣ ଆଫ୍ରିକାର ଅଧ୍ୟକ୍ଷତାକୁ ଭାରତ ସମର୍ଥନ ଦେବା ସହିତ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ସୁ-ବିନିଯୋଗ ଏବଂ ଦକ୍ଷିଣ ଆଫ୍ରିକାର ଏକ ଦୀର୍ଘ ସ୍ଥାୟୀ ଆର୍ଥିକ ବ୍ୟବସ୍ଥା ଉପରେ ଆଲୋକପାତ କରିଛନ୍ତି । ଏହି ଅବସରରେ ଶ୍ରୀ ମାର୍ଗେରେଟା ଆନ୍ତର୍ଜାତିକ ସୌରମେଣ୍ଟ ଏବଂ ବିପର୍ଯ୍ୟୟ ପ୍ରସମନ ଭିତ୍ତିଭୂମି ମେଣ୍ଟରେ ଯୋଗଦେବା ଲାଗି ଦକ୍ଷିଣ ଆଫ୍ରିକାକୁ ଆମନ୍ତ୍ରଣ କରିଛନ୍ତି ।

## ରାଜନାଥ-ଡିଆର୍‌ଡିଓ

ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ – ଡି.ଆର୍.ଡି.ଓ. ପକ୍ଷରୁ ଆଜି ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ୍ ଠାରେ ଡ୍ରୋନ୍ ସଂଚାଳିତ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହାଦ୍ୱାରା ଭାରତର ପ୍ରତିରକ୍ଷା କ୍ଷମତା ଅଧିକ ସୁଦୃଢ଼ ହୋଇପାରିଛି ।  ଏ ସମ୍ପର୍କରେ ଏକ ରିପୋର୍ଟ୍ : **V/O MUKESH---HENNARY—DRDO**

## ବିହାର-ମନସୁନ୍ ସେସନ

ବିହାର ବିଧାନସଭା ଓ ବିଧାନ ପରିଷଦର ମୌସୁମୀ ଅଧିବେଶନ ଆଜି ଶେଷ ହୋଇଛି । ଏହି ପାଞ୍ଚ ଦିନିଆ ଅଧିବେଶନରେ ଉଭୟ ଗୃହରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ପ୍ରବଳ ହଙ୍ଗୋଳ ଦେଖାଦେଇଥିଲା । ଆଗାମୀ ଅକ୍ଟୋବର କିମ୍ବା ନଭେମ୍ବର ମାସରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ଏହାଥିଲା ସପ୍ତଦଶ ବିହାର ବିଧାନସଭାର ଶେଷ ଅଧିବେଶନ । ଏହି ଅଧିବେଶନ ସମୟରେ ମୋଟ୍ ୧୩ଟି ସରକାରୀ ବିଲ୍ ପାରିତ ହୋଇଛି ବୋଲି ବାଚସ୍ପତି ନନ୍ଦକିଶୋର ଯାଦବ କହିଛନ୍ତି । ଅନୁରୂପ ଭାବେ ବିହାର ବିଧାନ ପରିଷଦର ମୌସୁମୀ ଅଧିବେଶନ ମଧ୍ୟ ଆଜି ଅଧ୍ୟକ୍ଷ ଆୱ୍ୱାଧେଷ ନାରାୟଣ ସିଂହଙ୍କ ଉଦ୍‌ଯାପନୀ ବକ୍ତବ୍ୟ ପରେ ସମାପ୍ତ ହୋଇଛି ।

## କ୍ରିକେଟ୍

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫଡ୍ ଠାରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ଆଜି ତୃତୀୟ ଦିନରେ ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ଇଂଲଣ୍ଡ ୪ ୱିକେଟ୍ ହରାଇ ୩୮୩ରନ୍ କରିଛି । ଗତକାଲିର ସ୍କୋର ୨ ୱିକେଟ୍‌ରୁ ୨୨୫ରନ୍‌ରୁ ଇଂଲଣ୍ଡ ଆଜି ବ୍ୟାଟିଂ ଆରମ୍ଭ କରିଥିଲା । ଭାରତ ପ୍ରଥମ ଇନିଂସରେ ୩୫୮ରନ୍

କରିବାରେ ସକ୍ଷମ ହୋଇଥିଲା । ଏହି ପାଞ୍ଚଟିକିଆ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ଦୁଇଟି ମ୍ୟାଚ୍ ବର୍ତ୍ତମାନ ୨-୧ରେ ସିରିଜ୍ ଅଗ୍ରଣୀ ରହିଛି ।